## ସଂକ୍ଷେପରେ

### ଅଭିଯୁକ୍ତ ଧରପଗଡ଼

ଛେଣ୍ଡିପଦା,୧୨।୩(ଡି.ଏନ.ଏ.)- ଏପ୍ରିଲ ୨୩ରେ ସମ୍ବଲପୁର ଲୋକ ସଭା କ୍ଷେତ୍ର ସହ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିବା ବେଳେ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେଇ ଛେଣ୍ଡିପଦା, ଜରପଡା ଓ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଅଭିଯୁକ୍ତ ଧରପଗଡ଼ ଅଭିଯାନ ଚଳାଇଛି। ଚୋରା ଦେଶୀ, ବିଦେଶୀ ମଦ କାରବାର ରୋକିବା ଲାଗି ଚଢାଉକୁ ଜୋରଦାର କରାଯାଇଛି। ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସ୍ୱତନ୍ତ୍ର ଆଦେଶ ଅନୁଯାୟୀ ପ୍ରତ୍ୟେକ ଥାନା ଅଞ୍ଚଳରେ ବେଆଇନ କାରବାର, ଅସାମାଜିକ କାର୍ଯ୍ୟ ରୋକାଯିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହାସହ ପ୍ରତି ପଞ୍ଚାୟତସ୍ତରରେ ଏବଂ ବୁଥ୍ ସ୍ତରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ଜରପଡା ଥାନା ଆଇଆଇସି ବିନ୍ଦୁ ବାସିନୀ ବିଶ୍ୱାଳ କୁହନ୍ତି, ବେଆଇନ କାର୍ଯ୍ୟ କରୁଥିବା ଏବଂ ସାମାନ୍ୟ କଥାକୁ ନେଇ ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଠିକା ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ଦେବାକୁ ଦାବି

ତାଳଚେର,୧୨।୩(ନି.ପ୍ର.): ଠିକା ଶ୍ରମିକମାନଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରାଯିବାକୁ ଓଡ଼ିଶା କୋଲ୍ ମାଇନ୍ସ ଲେବର ଫେଡେରେଶନ ସହବନ୍ଧିତ ଏଚ୍‌ଏମ୍‌ଏସ୍ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏଚ୍‌ଏମ୍‌ଏସ୍ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା ସମସ୍ତ ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଲେଖି ଏହି ଦାବି କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ତାଳଚେର କୋଲ ଫିଲଡ୍‌ସ ସହିତ ଅନ୍ୟ କୋଲ୍ ଫିଲଡ୍‌ସରେ ଠିକା ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ପ୍ରାୟ ସମସ୍ତ କାମ ଠିକା ଶ୍ରମିକଙ୍କ ଦ୍ୱାରା ସମାପନ ହେଉଛି। କିନ୍ତୁ କମ୍ପାନୀମାନେ ଏମାନଙ୍କୁ ଉଚିତ ପ୍ରାପ୍ୟ ନ ଦେଇ ଠକି ଚାଲିଛନ୍ତି। ତେଣୁ ଉଚିତ ପ୍ରାପ୍ୟ ସହିତ ରବିବାର ଓ ପେଡ୍ ହଲିଡେ ପ୍ରଦାନ କରାଯିବାକୁ ଦାବି କରାଯାଇଛି।

### ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ବଇଣ୍ଡା,୧୨।୩(ଡି.ଏନ.ଏ.): କିଶୋରନଗର ବ୍ଲକର ବଇଣ୍ଡା ତଥା ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେବ ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜାମୁନାଳୀ ଗ୍ରୀଡ୍‌କୋରୁ ବଇଣ୍ଡା ଅଞ୍ଚଳକୁ ବିଜୁଳି ଯୋଗାଣ ହୋଇଛି। କିନ୍ତୁ ବିନା କାରଣରେ ଦିନରେ ୫ରୁ୧୦ ଥର ବିଦ୍ୟୁତ୍ କାଟ କରାଯାଉଛି। ବିଲ୍ ଆଦାୟ ପାଇଁ କର୍ମଚାରୀମାନେ ଯେତିକି ତତ୍ପରତା ଦେଖାଉଛନ୍ତି, ସେବା ଯୋଗାଣ କ୍ଷେତ୍ରରେ ସେଭଳି ତତ୍ପରତା ପ୍ରକାଶ ପାଉନାହିଁ। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ବଇଣ୍ଡା ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସେସୁ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି କୁହନ୍ତି, ଏକ ନୂତନ ଟ୍ରାନ୍ସଫର୍ମର ଲଗାଯାଉଥିବା ଯୋଗୁ ବିଦ୍ୟୁତ୍ କାଟ୍ କରାଯାଇଛି।

### ଦୋଳଯାତ୍ରା ପ୍ରସ୍ତୁତି ବୈଠକ

ବଅଁରପାଳ, ୧୨।୩ (ଡି.ଏନ୍.ଏ.)- ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଦୋଳଯାତ୍ରା ପାଇଁ ମଙ୍ଗଳବାର ଗୋପାଳ ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଯାତ୍ରାକୁ କିଭଳି ଧୁମ୍‌ଧାମରେ ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ବିଶେଷକରି ଶୋଭାଯାତ୍ରାରେ ଲଉଡ଼ି ଖେଳ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସଭାପତି ଭାବେ ଆନନ୍ଦ ରାଉତଙ୍କ ସହ କମିଟି ସଦସ୍ୟ ପୀତବାସ ସାହୁ, ସୁରେଶ ସାହୁ, ବୈଚନ ବେହେରା, ହର୍ଷ ବେହେରା, ଭାଇଗ ସାହୁ ଓ ଅକ୍ଷୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ସରିଲାଣି ନିର୍ବାଚନ ତାରିଖ ଘୋଷଣା

# ଦୃଷ୍ଟିହୀନଙ୍କୁ ସଚେତନ କରିନି ପ୍ରଶାସନ

**ଅନୁଗୋଳ ଅଫିସ, ୧୨।୩**

୨୦୧୯ ସାଧାରଣ ନିର୍ବାଚନରେ ଇଭିଏମ୍ ସହ ପ୍ରଥମ ଥର ପାଇଁ ଭିଭିପିଏଟିର ବ୍ୟବହାର କରାଯିବ। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ସଚେତନ କରିବା ପାଇଁ ବହୁ ପୂର୍ବରୁ ପଦକ୍ଷେପମାନ ନିଆଯାଇଛି। ଏହି ଭୋଟ୍‌ଦାନ ପ୍ରକ୍ରିୟାରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ତାହା ଉପରେ ନିର୍ବାଚନ କମିଶନ ଗୁରୁତ୍ୱାରୋପ

■ଇଭିଏମ୍‌ରେ ଅଛି ବ୍ରେଲି ବ୍ୟବସ୍ଥା
■ଅବଗତ କରାଯାଇ ନ ଥିବାକୁ ସ୍ୱୀକାର
■ଦ୍ୱିତୀୟ ପର୍ଯ୍ୟାୟରେ କରାଯିବ ସଚେତନ

କରିଥିବାରୁ ଭୋଟରଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଚାଲୁ ରହିଛି। ଏପରି କି ଭିନ୍ନକ୍ଷମମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାରେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ନାନା ବ୍ୟବସ୍ଥା କରାଯାଇଛି। କିନ୍ତୁ ଏଯାଏ ଅନୁଗୋଳ ଜିଲା ପ୍ରଶାସନ ଦୃଷ୍ଟିହୀନମାନେ କିପରି ଇଭିଏମ୍‌ର ବ୍ୟବହାର କରିବେ ସେ ନେଇ ସେମାନଙ୍କୁ ଅବଗତ କରିପାରି ନାହିଁ।


ବ୍ରେଲି ବ୍ୟବସ୍ଥା ଥିବା ଇଭିଏମ୍।

ଏପ୍ରିଲ୍ ୨୩ରେ ଅନୁଗୋଳ ଜିଲାରେ ମତଦାନ ହେବ। ଏଥିପାଇଁ ପ୍ରତ୍ୟେକ ବୁଥ୍ ସଜାଡ଼ିବା କାର୍ଯ୍ୟରେ ପ୍ରଶାସନ ଲାଗି ପଡ଼ିଛି। ଶତପ୍ରତିଶତ ଭୋଟ୍‌ଗ୍ରହଣ ପାଇଁ ବୁଥ୍‌ଗୁଡ଼ିକରେ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଶେଷ ଉପରେ ଗୁରୁତ୍ୱ ଦିଆଯାଉଛି। ବିଦ୍ୟୁତ୍ ଠାରୁ ଆରମ୍ଭ କରି ପାନୀୟ ଜଳ, ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ର୍‍ୟାମ୍ପ ନିର୍ମାଣ କରାଯାଉଛି। ଭିନ୍ନକ୍ଷମଙ୍କୁ ବୁଥ୍‌ଯାଏ ଆଣିବା ପାଇଁ ଅଟୋ ବ୍ୟବସ୍ଥା ହୋଇଥିବା ବେଳେ ସହଯୋଗ ନିମନ୍ତେ ୧୪ରୁ ୧୮ ବର୍ଷ ବୟସର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବାର ଯୋଜନା ରଖାଯାଇଛି। ଇଭିଏମ୍ ସହ ପ୍ରଥମଥର ପାଇଁ ବ୍ୟବହାର ହେଉଥିବା ଭିଭିପିଏଟି ମେଶିନ ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରାଯାଉଛି। ଗାଁ ଗାଁରେ ସ୍ୱତନ୍ତ୍ର ରଥ ବୁଲାଯିବା ସହ ସଚେତନ ପାଇଁ ଡମି ଭୋଟ୍ ନିଆଯାଉଛି। ସେହିପରି ଜିଲାରେ କେତେ ଭିନ୍ନକ୍ଷମ ଭୋଟର ଅଛନ୍ତି ତାହାର ଚିହ୍ନଟ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ପ୍ରଶାସନ ଦେଇଥିବା ସୂଚନା ଅନୁଯାୟୀ, ଜିଲାରେ ମୋଟ୍ ୧୦ ହଜାର ୧୮୨ ଭିନ୍ନକ୍ଷମ ଭୋଟର ରହିଛନ୍ତି। କେବଳ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୬୮ ଜଣ ଦୃଷ୍ଟିହୀନ ଥିବାବେଳେ ଛେଣ୍ଡିପଦାରେ ୨୩୨ ଜଣ ଦୃଷ୍ଟିହୀନ ଅଛନ୍ତି। ଏହି ଦୁଇଟି ନିର୍ବାଚନ ମଣ୍ଡଳୀରେ ମୋଟ୍ ୪୭୩ଟି ବୁଥ୍ ରହିଛି। କିନ୍ତୁ ଏଥିମଧ୍ୟରୁ ଅନେକ ବୁଥ୍‌କୁ ଆସିବାକୁ ଥିବା ଦୃଷ୍ଟିହୀନ ଭୋଟରଙ୍କୁ ପ୍ରଶାସନ ଏଯାଏ ଇଭିଏମ୍ ବ୍ୟବହାର ସମ୍ପର୍କରେ ସଚେତନ କରାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଏଯାଏ ଦୃଷ୍ଟିହୀନମାନଙ୍କୁ ସଚେତନ କରାଯାଇ ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କୁ ସଚେତନ କରାଯିବାର ଯୋଜନା ରହିଛି।

## ଅପହରଣ ଘଟଣା: ପୋଲିସ ହାତ ଖାଲି

**ବଅଁରପାଳ, ୧୨।୩ (ଡି.ଏନ୍.ଏ.)**

ବଅଁରପାଳ କଲେଜ ସମ୍ମୁଖରୁ ଜଣେ ଛାତ୍ରୀଙ୍କ ବାପାଙ୍କୁ ସୋମବାର ଅପହରଣ କରାଯାଇଥିଲା। ଅନୁଗୋଳ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ଦାଶ(୨୨)ଙ୍କ ସହ ୩ ରୁ ୪ ଜଣ ସହଯୋଗୀ କଲେଜ ସମ୍ମୁଖରୁ ଛାତ୍ରୀଙ୍କ ବାପାଙ୍କୁ ଉଠାଇ ନେଇଥିଲେ। ପରେ ତାଙ୍କୁ ମିଶ୍ରପଡ଼ା ଠାରେ ଛାଡ଼ି ଦେଇଥିଲେ। ଏ ନେଇ ଛାତ୍ରୀଙ୍କ ବାପା ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଦୀର୍ଘ ୨୪ ଘଣ୍ଟା ପରେ ବି ପୋଲିସ କେବଳ ନଂ. ୭୬/୧୯ରେ ମାମଲା ରୁଜୁ କରିବା ବ୍ୟତୀତ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ତେବେ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଜୋରଦାର ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ କନକ କୁମାର ମାଝି ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ସୌମ୍ୟରଞ୍ଜନ ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ। ଛାତ୍ରୀ ଜଣଙ୍କ ପରୀକ୍ଷା ଦେବାକୁ ବାପାଙ୍କ ସହ କଲେଜ ଆସିଥିଲେ। ସେ ପରୀକ୍ଷା ହଲ୍‌ରେ ଥିବାବେଳେ ତାଙ୍କ ବାପା କଲେଜ ବାହାରେ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ବୋଲେରୋରେ ତାଙ୍କୁ ଉଠାଇ ନେଇ ପଳାଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା।


ଗ୍ରାମରେ ଥିବା ଏକ ନଳକୂଅରୁ ପାଣି ବାହାରୁନି।

# ରଙ୍କାସିଂହାରେ ଜଳ ସଙ୍କଟ

**ବଅଁରପାଳ, ୧୨।୩ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ କୁକୁଡ଼ାଙ୍ଗ ପଞ୍ଚାୟତ ରଙ୍କାସିଂହା ଗ୍ରାମରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ପଡ଼ୋଶୀ ଗ୍ରାମବାସୀଙ୍କୁ ପାଇପ୍ ପାଣି ଯୋଗାଣ ହେଉଥିବାବେଳେ ରଙ୍କାସିଂହାବାସୀ ପାଣି ସଂଗ୍ରହ ପାଇଁ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମର ଲୋକସଂଖ୍ୟା ୭ ଶହରୁ ଊର୍ଦ୍ଧ୍ୱ। ପାନୀୟ ଜଳ ସୁବିଧା ପାଇଁ ୪ଟି ନଳକୂପ ରହିଛି। ମାତ୍ର ଗ୍ରୀଷ୍ମ ଦିନେ ଭୂତଳ ଜଳ ହ୍ରାସ ପାଇବା ଯୋଗୁ ନଳକୂପ ପାଣି ଲୋକଙ୍କ ଚାହିଦା ମେଣ୍ଟାଇ ପାରେ ନାହିଁ। ସେହିପରି ଗୋଟିଏ ବା ଦୁଇଟି ନଳକୂପକୁ ଛାଡ଼ି ଦେଲେ ଅନ୍ୟ ଦୁଇଟିରୁ ଭଲ ପାଣି ବାହାରେ ନାହିଁ। ତେଣୁ ଲୋକେ ନିକଟସ୍ଥ ନାଳରୁ ଦୂଷିତ ପାଣି ଆଣି ବ୍ୟବହାର କରନ୍ତି। ପ୍ରତିବର୍ଷ ଏପରି ସମସ୍ୟା ସୃଷ୍ଟି ହେଉଥିଲେ ବି ଗ୍ରାମବାସୀଙ୍କୁ ପାଇପ୍ ପାଣି ଯୋଗାଣର ବ୍ୟବସ୍ଥା କରାଯାଉ ନାହିଁ। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ଅମିୟ ତ୍ରିପାଠୀ କୁହନ୍ତି, ସରକାର ଗ୍ରାମାଞ୍ଚଳବାସୀଙ୍କ ପାଇଁ ବହୁ ଯୋଜନା କରୁଥିବା କହୁଥିଲେ ବି ରଙ୍କାସିଂହା ଲୋକେ ବିଶୁଦ୍ଧ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। ତେଣୁ ସରକାରୀ ଯୋଜନାର ସଫଳତାରୁ ଏଠାକାର ଲୋକେ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଏଥିପ୍ରତି ଧ୍ୟାନ ଦିଆଯାଉ। ସେହିପରି କୁକୁଡ଼ାଙ୍ଗ ସରପଞ୍ଚ ପ୍ରତାପ ସେନାପତି କହିଛନ୍ତି, ରଙ୍କାସିଂହା ସହ ଏକଘରିଆ, ଟେଣ୍ଟୋଲୋଇ ଗ୍ରାମରେ ପାନୀୟ ଜଳର ଅଭାବ ଦେଖାଦେଇଛି। ଏ ନେଇ ଜିଲା ପ୍ରଶାସନକୁ ଅବଗତ କରିଛୁ।

■ଆଚରଣ ବିଧି ଉପରେ ନଜର

# ଜିଲା ବୁଲିଲେ ଫ୍ଲାଇଂ ସ୍କ୍ୱାଡ୍‌ର ୧୫ ଟିମ୍

**ଅନୁଗୋଳ ଅଫିସ, ୧୨।୩**

ଆସନ୍ତା ସାଧାରଣ ନିର୍ବଚାନ ପାଇଁ ଆଚାର ସଂହିତା ବା ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ କରିବାକୁ ଉଦ୍ୟମ ମଧ୍ୟ ଆରମ୍ଭ ହୋଇଛି। ଏ ନେଇ ମଙ୍ଗଳବାର ଜିଲାରେ ଥିବା ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଫ୍ଲାଇଂ ସ୍କ୍ୱାଡ୍ ବୁଲିବା ଆରମ୍ଭ କରିଛି। ପ୍ରତି ନିର୍ବାଚନମଣ୍ଡଳୀରେ ୩ଟି ଲେଖାଏ ଟିମ୍ ବୁଲିବା ଆରମ୍ଭ କରିଛନ୍ତି।

ଅନୁଗୋଳ ଜିଲାରେ ଥିବା ୫ ନିର୍ବାଚନ ମଣ୍ଡଳୀର ଗାଁ ଗାଁରେ ପହଞ୍ଚୁଛି ଫ୍ଲାଇଂ ସ୍କ୍ୱାଡ୍। ଜଣେ ମାଜିଷ୍ଟ୍ରେଟଙ୍କ ସହ ଜଣେ ପୋଲିସ ଅଫିସର, ଦୁଇଜଣ କନଷ୍ଟେବଳ ଓ ଜଣେ ଭିଡିଓ ଗ୍ରାଫର ଏହି ଟିମ୍‌ରେ ରହିଛନ୍ତି। ସାଧାରଣ ଲୋକମାନେ ସିଭିଜିଲ ଆପ୍ ମାଧ୍ୟମରେ ଅଭିଯୋଗ କଲେ ୧୦୦ ମିନିଟ୍‌ରେ ଅଭିଯୋଗର ସମାଧାନ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ପକ୍ଷରୁ ଏକ ଆପ୍ ସି- ଭିଜିଲ ଖୋଲାଯାଇଛି। ଏହି ଆପ୍ ମାଧ୍ୟମରେ ସାଧାରଣ ଲୋକେ ପଞ୍ଜୀକରଣ କରି ନିର୍ବାଚନ ସମୟରେ ହେଉଥିବା ଆଚରଣବିଧି ଉଲ୍ଲଂଘନ (ମାରପିଟ, ମତଦାତାଙ୍କୁ ପ୍ରଭାବିତ କରିବା, ଗାଁ ଗଣ୍ଡାରେ ଦାଦାଗିରି କରିବା, ମାଦକ ଦ୍ରବ୍ୟ ବଣ୍ଟନ) ଆଦିର ଫଟୋ ବା ଭିଡିଓ ଆପ୍‌ରେ ଅପ୍‌ଲୋଡ କରିବାର ୫ ମିନିଟ୍ ମଧ୍ୟରେ ଜିଲା ନିର୍ବାଚନ ଅଧିକାରୀ ତୁରନ୍ତ ଫ୍ଲାଇଂ ସ୍କ୍ୱାଡ୍‌କୁ ଅବଗତ କରିବେ। ଏହାପରେ ଫ୍ଲାଇଂ ସ୍କ୍ୱାଡ୍‌ରେ ଥିବା ମାଜିଷ୍ଟ୍ରେଟ୍ ଓ ପୋଲିସ ଅଧିକାରୀ ୧୫ ମିନିଟ୍ ମଧ୍ୟରେ ଅଭିଯୋଗ କରିଥିବା ଲୋକ ନିକଟରେ ପହଞ୍ଚିବେ। ଘଟଣା ସ୍ଥଳରୁ ୩୦ ମିନିଟ୍ ମଧ୍ୟରେ ରିପୋର୍ଟ ରିଟର୍ନିଂ ଅଧିକାରୀଙ୍କୁ ପ୍ରଦାନ କରିବେ। ରିଟର୍ନିଂ ଅଧିକାରୀ ଅବଶିଷ୍ଟ ୫୦ ମିନିଟ୍ ମଧ୍ୟରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ନିର୍ବାଚନ ଦାୟିତ୍ୱରେ ଥିବା ଅନ୍ୟ ପଦାଧିକାରୀଙ୍କ ସହ ଆଲୋଚନା କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଫ୍ଲାଇଂ ସ୍କ୍ୱାଡ୍ ମଙ୍ଗଳବାର ଠାରୁ ବୁଲିବା ଆରମ୍ଭ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଚାଷୀଙ୍କୁ ହଇରାଣ କରୁଛି ବ୍ୟାଙ୍କ

**ବଇଣ୍ଡା,୧୨।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କରେ ଚାଷୀମାନଙ୍କୁ ଅଯଥାରେ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହେଉଛି। ଏହି ବ୍ୟାଙ୍କ ଅଧୀନରେ ଥିବା ସୋସାଇଟି ଗୁଡ଼ିକରେ ଚାଷୀମାନେ ଧାନ ବିକ୍ରି କରି ପାଇଥିବା ଚେକ୍ ବ୍ୟାଙ୍କରେ ଜମା କରିଛନ୍ତି। କିନ୍ତୁ ଆକାଉଣ୍ଟକୁ ଟଙ୍କା ଆସିଥିଲେ ମଧ୍ୟ ଚାଷୀମାନେ ତାହାକୁ ଉଠାଇବାକୁ ଗଲେ ଅନେକ ସମୟରେ ବ୍ୟାଙ୍କରେ ଟଙ୍କା ନ ଥିବା କହି କର୍ତ୍ତୃପକ୍ଷ ଫେରାଇ ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଚାଷୀଙ୍କୁ ପାନକାର୍ଡ ଓ ଆଧାର କାର୍ଡ ଆଣିବାକୁ କହି ଅଯଥା ହଇରାଣ କରାଯାଉଛି। ତୁରନ୍ତ ଚାଷୀମାନଙ୍କୁ ସେମାନଙ୍କ ଟଙ୍କା ଯୋଗାଇ ନ ଦେଲେ ବ୍ୟାଙ୍କ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଧ୍ରୁବଚରଣ ସାହୁ, ଭାଗୀରଥି ପ୍ରଧାନ, ଅଜିତ୍ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଶାଖା ପରିଚାଳକ ପ୍ରମୋଦ ବିଶ୍ୱାଳଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ତାଲିମ ନେଲେ ୧୦୮ କର୍ମଚାରୀ

**ଛେଣ୍ଡିପଦା,୧୨।୩(ଡି.ଏନ.ଏ.)**

ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପ୍ରଶସ୍ତୀକରଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡ୍ ଏବଂ ଭାସ୍କର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଏକ ଦକ୍ଷତା ବିକାଶ କର୍ମଶାଳା ସ୍ଥାନୀୟ ଜରପଡା ନିକଟସ୍ଥ ଗୋବିନ୍ଦ ସାହି କ୍ୟାମ୍ପ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ୧୫ ଦିନ ଧରି ଚାଲିଥିଲା। ଏଥିରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ ମହିଳାପୁରୁଷ କର୍ମଚାରୀ ତଥା କୁଶଳୀ ଏବଂ ଅର୍ଦ୍ଧ କୁଶଳୀ ଶ୍ରମିକଙ୍କ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମଦାତା ଭାବେ ମ୍ୟାନେଜର ଦିଲୀପ କୁମାର ବେହେରା, ମାନସ ରଞ୍ଜନ ବାରିକ ତାଲିମ ପ୍ରଦାନ କରିଥିଲେ। ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡ ପ୍ରୋଜେକ୍ଟ ମ୍ୟାନେଜର ଏମ. ଆପାରାଓ, ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଜି. ପଦ୍ମନାଭମ ନାନାଜୀ, ଏଚ୍‌ଆର ହେଡ ମୁରଲୀ ମୋହନ ରାଓଙ୍କ ସମେତ କମ୍ପାନୀ କର୍ମଚାରୀମାନେ ପରିଚାଳନା କରିଥିଲେ। ଏଥିରେ ପ୍ରାୟ ୧୦୮ କମ୍ପାନୀ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

# ଉତ୍କଳ ସାହିତ୍ୟର ପୃଷ୍ଠଭୂମି



**ଅନୁଗୋଳ ଅଫିସ, ୧୨।୩**

ଅନୁଗୋଳ ପ୍ରେସ୍ କ୍ଲବ ଠାରେ ପୁଣ୍ୟ ଉତ୍କଳ ଫାଉଣ୍ଡେଶନ ଅନୁଗୋଳ ଶାଖାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ଡକ୍ଟର ସଦାନନ୍ଦ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ରଥ, ଅନନ୍ତ ଚରଣ ଦେବତା, ଜିତେନ୍ଦ୍ର କୁମାର ମହାପାତ୍ର, ମନୋଜ ଦାଶ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦିକା ଗୋଲାପ ନନ୍ଦ ସମ୍ପାଦକୀୟ ବିବରଣୀ ପାଠ ସହ ଉତ୍କଳୀୟ ପରମ୍ପରା ସମଗ୍ର ଭାରତ ବର୍ଷରେ ଲୋକପ୍ରିୟତା ଅର୍ଜନ କରିଆସିଛି ବୋଲି ବର୍ଣ୍ଣନା କରିଥିଲେ। ଯୋଗଦେଇଥିବା ଅତିଥିମାନେ ଉତ୍କଳ ଯୁଗେ ଯୁଗେ ସାହିତ୍ୟର ପୃଷ୍ଠଭୂମି ହୋଇ ରହିଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦ ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସାହିତ୍ୟିକ ମନୋଜ ଦାଶ ଫାଉଣ୍ଡେଶନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। କୁମୁଦିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

■ଏନ୍‌ଟିପିସି ସିଆଇଏସ୍‌ଏଫ୍ ପ୍ରତିଷ୍ଠା ଦିବସ

# ନିଷ୍ଠାର ସହ କାମ କରିବାକୁ ଆହ୍ୱାନ



ଅତିଥି ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

**ତାଳଚେର,୧୨।୩(ନି.ପ୍ର.)**

କଣିହାଁସ୍ଥିତ ଏନ୍‌ଟିପିସି ସିଆଇଏସ୍‌ଏଫ୍‌ର ୫୦ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜେନେରାଲ ମ୍ୟାନେଜର ସନ୍ତୋଷ ଜେମ୍‌ସ ଯୋଗଦେଇ ସିଆଇଏସ୍‌ଏଫ୍‌ର କାମକୁ ପ୍ରଶଂସା କରିବା ସହିତ କର୍ମଚାରୀମାନେ ନିଷ୍ଠାର ସହ ଡ୍ୟୁଟି କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ଗୋକୁଳ କୋହଲି ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରଦୀପ ଦୀକ୍ଷିତ, କମଳ ସିଂହ, ଇନ୍ସପେକ୍ଟର ରାହୁଲ କୁମାର, ଡିକେ ଧୀର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ


ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୨।୩**

ଅନୁଗୋଳ ବ୍ଲକ ଇଙ୍କରବନ୍ଧ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୀବନୀ ପଟ୍ଟନାୟକଙ୍କ ବଦଳିକୁ ବିରୋଧ କରି ଗ୍ରାମର ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବାକୁ ଥିବାରୁ ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଉକ୍ତ ସ୍କୁଲକୁ ଫେରାଇ ଆଣିବା ନଚେତ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି। ଏହା ନ ହେଲେ ସ୍କୁଲରେ ତାଲା ପକାଯିବ ବୋଲି ଗ୍ରାମବାସୀ ରୋଜାଲିନ ବେହେରା, ନରେନ୍ଦ୍ର ପ୍ରଧାନ, ସନ୍ଧ୍ୟାରାଣୀ ସାହୁ, ଶୋଭାଗିନୀ ନାୟକ, ପ୍ରତିଭା ନାୟକ, ଅନୁପମା ସାହୁ, ପ୍ରଭାତୀ ସାହୁ, ବବିତା ବେହେରା, ଉପମା ସାହୁ, କବିତା ସାହୁ, ଉଷା ନାଏକ, ବୀଣା ନାଏକ, ସବିତା ସାହୁ, ରଞ୍ଜନ ଘଡ଼େଇ, ପ୍ରଶାନ୍ତ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଷଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ଓ ସାହିତ୍ୟ ପଢ଼ାଉଥିବା ଶିକ୍ଷୟିତ୍ରୀ ସଞ୍ଜିବନୀ ପଟ୍ଟନାୟକଙ୍କ ବଦଳି ହୋଇଛି। ସୋମବାର ତାଙ୍କୁ ସ୍କୁଲରୁ ବ୍ଲକ ଶିକ୍ଷା ଅଧିକାରୀ ରିଲିଭ କରିଦେଇଛନ୍ତି। ଫଳରେ ସେ ପଢ଼ାଉଥିବା ବିଷୟବସ୍ତୁ ପଢ଼ାଇବାରେ ଅସୁବିଧା ହେଉଛି। ନିକଟରେ ବାର୍ଷିକ ପରୀକ୍ଷା ଥିବାରୁ ପିଲାମାନେ ଏ ନେଇ ସମସ୍ୟାରେ ସମ୍ମୁଖୀନ ହେବେ। ତେଣୁ ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ଉକ୍ତ ବିଦ୍ୟାଳୟରେ ଅବସ୍ଥାପିତ କରିବାକୁ ସେମାନେ ଦାବି କରିଛନ୍ତି। ୩ ଦିନ ମଧ୍ୟରେ (ପରୀକ୍ଷା ପୂର୍ବରୁ) ଏହାର ସମାଧାନ କରା ନ ଗଲେ ସ୍କୁଲରେ ତାଲା ପକାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି, ଉକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଆବଶ୍ୟକ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ୬ ଜଣ ଶିକ୍ଷକ ଥିବାରୁ ସେଠାରେ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ନାହିଁ। ଶିକ୍ଷୟିତ୍ରୀ ଜଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ବଦଳି ହୋଇ ଯାଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଥିବାରୁ ସେମାନଙ୍କ କଥା ବିଚାର କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କହିଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ୧୩ ମାର୍ଚ୍ଚ /୨୦୧୯ Dhenkanal, Wednesday March 13 / 2019


## ସଂକ୍ଷେପରେ

### ବୀରାଲକ୍ଷ୍ମୀଙ୍କୁ ସାରସ୍ୱତ ସ୍ରଷ୍ଟା ସମ୍ମାନ



**ଢେଙ୍କାନାଳ ଅଫିସ, ୧୨।୩:** ଢେଙ୍କାନାଳର ଖ୍ୟାତନାମା ସାହିତ୍ୟିକା ତଥା ନାଟ୍ୟ ପ୍ରତିଭା ବୀରାଲକ୍ଷ୍ମୀ ରଣାଙ୍କୁ ଶ୍ରେଷ୍ଠ ସାରସ୍ୱତ ସ୍ରଷ୍ଟା ସମ୍ମାନ ମିଳିଛି। ଭୁବନେଶ୍ୱର ରେଡ୍‌କ୍ରସ୍ ଭବନରେ ଲୋହରାଖଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ୪ର୍ଥ ରାଜ୍ୟସ୍ତରୀୟ ସାରସ୍ୱତ ସ୍ରଷ୍ଟା ସମାବେଶରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କବି ହୁସେନ ରବିଗାନ୍ଧୀ ଯୋଗଦେଇ ବୀରାଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାବ୍ୟଲୋକର ସମ୍ପାଦକ ଭିକାରି ଧଳ, ସାହିତ୍ୟିକ ସୁଦାମବନ୍ଧୁ ଭଞ୍ଜମିଶ୍ର, ଶିକ୍ଷାବିତ୍ ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୀରାଲକ୍ଷ୍ମୀ ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ରେ ଅବସ୍ଥିତ ଶ୍ରୀଗୁରୁକୁଳ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅଜିତ କୁମାର ରଣାଙ୍କ ସ୍ତ୍ରୀ ଅଟନ୍ତି।

### ଶୋ'ରୁମ୍‌ରୁ ଡକାୟତି ଉଦ୍ୟମ



**ଭୁବନ, ୧୨।୩(ଡି.ଏନ.ଏ):** ଭୁବନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହିରୋ ଶୋ'ରୁମ୍‌ରୁ ସୋମବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ଶୋ'ରୁମ୍ ନିକଟରେ ଥିବା ଏକ ଗଛରେ ଚଢ଼ି ଉପର ମହଲା ଦେଇ ଶଟର କାଟି ଡକାୟତି ଯୋଜନା କରିଥିଲେ। ଟଙ୍କା ପଇସା ନ ମିଳିବାରୁ ସେମାନେ କ୍ୟାଶ କାଉଣ୍ଟର ଡ୍ରୟରରେ ଥିବା ଚେକ୍ ବହି ନେଇଯାଇଛନ୍ତି। ସେହିପରି ଶୋ'ରୁମ ନିକଟରେ ରହୁଥିବା କଲେଜ ଛାତ୍ରଙ୍କ ୩ ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗର ହାତ ଥିବା ସନ୍ଦେହ କରାଯାଉଛି। ଏ ନେଇ ଶୋ'ରୁମ୍ ମାଲିକଙ୍କ ଅଭିଯୋଗକ୍ରମେ ଥାନାରେ କେସ୍ ନଂ. ୫୬./୧୯ ଏବଂ ଦଫା ୪୫୭, ୩୮ରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏହାକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ■ଆଦର୍ଶ ଆଚରଣବିଧି, ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷଣ ବୈଠକ

# ସମ୍ବେଦନଶୀଳ ସ୍ଥାନରେ ତୀକ୍ଷ୍ଣ ନଜର

**ଢେଙ୍କାନାଳ ଅଫିସ,୧୨।୩**



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଦର୍ଶ ଆଚରଣବିଧି ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷଣ ଲାଗି ମଙ୍ଗଳବାର ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରି ସମସ୍ତ କର୍ମଚାରୀଙ୍କୁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସମ୍ବେଦନଶୀଳ ସ୍ଥାନରେ ରହିବ ତୀକ୍ଷ୍ଣ ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଏପ୍ରିଲ ୨୩ରେ ଢେଙ୍କାନାଳ ଲୋକ ସଭା ସମେତ ଜିଲାର ୪ ବିଧାନସଭା ଆସନ ଲାଗି ମତଦାନ ହେବ। ଏଥିପୂର୍ବରୁ ୨୧ ତାରିଖରୁ ପୋଲିଂ କର୍ମଚାରୀଙ୍କୁ ମତଦାନ କେନ୍ଦ୍ରକୁ ପଠାଯିବ। ମହିଷାପାଟ ଇଭିଏମ୍ ଓ ଭିଭିପିଏଟି ଗୋଦାମଘର, ହିନ୍ଦୋଳ ହାଇସ୍କୁଲ ଏବଂ କାମାକ୍ଷାନଗର ମହାବିଦ୍ୟାଳୟରୁ ପୋଲିଂ ଷ୍ଟାଫ୍ ଗନ୍ତବ୍ୟସ୍ଥଳକୁ ଯିବେ। ମେ ୨୩ରେ ମହିଷାପାଟ ଗୋଦାମଘର, ହିନ୍ଦୋଳ ହାଇସ୍କୁଲ ଏବଂ କାମାକ୍ଷାନଗର କଲେଜରେ ଭୋଟ ଗଣତି ହେବ।

ବୈଠକରେ ଯୋଗଦେଇ ଏସ୍‌ପି ଅନୁପମା ଜେମ୍‌ସ କହିଲେ, ନିର୍ବାଚନରେ ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ନିର୍ବାଚନ କକ୍ଷ ଖୋଲାଯାଇଛି। ଜିଲାର ଆଇନଶୃଙ୍ଖଳା ବିବରଣୀ ସମ୍ପର୍କିତ ଦୈନିକ ତଥ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଭାରତ ନିର୍ବାଚନ କମିଶନରଙ୍କ ନିକଟକୁ ପଠାଯାଉଛି। ଜିଲାରେ ନିୟୋଜିତ ଫ୍ଲାଇଂ ସ୍କ୍ୱାଡ୍ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ତୁଲାଉଛନ୍ତି। ଏସ୍‌ଏମ୍‌ଏସ୍, ହ୍ୱାଟସ୍ ଆପ୍, ମୋବାଇଲ ଓ ଟେଲିଫୋନ ମାଧ୍ୟମରେ ସେମାନେ ରିପୋର୍ଟ ପ୍ରଦାନ କରୁଛନ୍ତି। ସମ୍ବେଦନଶୀଳ ସ୍ଥାନରେ ସତର୍କତାମୂଳକ ପଦକ୍ଷେପ ନେବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

> ■ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ
>
> ■ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖୋଲିଲା ନିର୍ବାଚନ କକ୍ଷ
>
> ■ଗାଡ଼ିରେ ନିଆଯାଇପାରିବନି ୫୦ହଜାରରୁ ଅଧିକ ଟଙ୍କା

ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ କୌଣସି ଗାଡ଼ିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନିଆଯାଇପାରିବନାହିଁ। ପ୍ରାର୍ଥୀମାନେ ଏକକାଳୀନ ୧୦ହଜାରରୁ ଅଧିକ ଖର୍ଚ୍ଚ କରିବାକୁ ଚାହିଁଲେ ଚେକ୍ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ବ୍ୟବହାର କରିବେ। ନାମାଙ୍କନ ଦାଖଲ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ରାଜନୈତିକ ଦଳ ବିବରଣୀରେ ଅନ୍ତର୍ଭୁକ୍ତ ହେବ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ପୁଙ୍ଖାନୁପୁଙ୍ଖ ପଢ଼ି କାର୍ଯ୍ୟ କରିବାକୁ ଭିଡିଓ ପ୍ରଦର୍ଶନ ଦଳ, ଖର୍ଚ୍ଚ ଦଳ ଏବଂ ଫ୍ଲାଇଂ ସ୍କ୍ୱାଡ୍ ଦଳକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୋଷ୍ଟର, ଲିଫଲେଟ୍ ଛାପିବା ପାଇଁ ଛାପାଖାନା ମାଲିକ ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ପ୍ରାରମ୍ଭିକ ଅନୁମତି ନେବା ବାଧ୍ୟତାମୂଳକ। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାଠାରୁ ଜିଲାର ପ୍ରାୟ ୮ ସ୍ଥାନରେ ଥିବା ତନଖି ଫାଟକରେ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସି-ଭିଜିଲ ଆପ୍ କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇଥିଲା।

ବୈଠକରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବାଣିଜ୍ୟକର ବିଭାଗ ଡେପୁଟି କମିଶନର ଅଶୋକ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ଜିଲା ନିର୍ବାଚନ କାର୍ଯ୍ୟାଳୟ ଡେପୁଟି କଲେକ୍ଟର ରଶ୍ମିରେଖା ସ୍ୱାଇଁ, ଭଜନାନନ୍ଦ ସାହୁ, ଜିଲା ସୂଚନା ପ୍ରଯୁକ୍ତି ଅଧିକାରୀ ଦିଲୀପ ନନ୍ଦ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ସୁପ୍ରସନ୍ନ ମଲ୍ଲିକଙ୍କ ସମେତ ନିର୍ବାଚନରେ ନିୟୋଜିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ପଥପ୍ରାନ୍ତ ସଭାରେ ଭାଜପା କର୍ମକର୍ତ୍ତାମାନେ।

### ■ରାଜନୈତିକ ବାତାବରଣ ସରଗରମ

## ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କୁ ଭାଜପାର ଟାର୍ଗେଟ

**ଢେଙ୍କାନାଳ ଅଫିସ, ୧୨।୩**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଏହାକୁ ନେଇ ସରଗରମ ହେଲାଣି ଢେଙ୍କାନାଳ ସହରର ରାଜନୈତିକ ବାତାବରଣ। ସହରର ଛକ, ପଏଣ୍ଟ, ଚା' ଦୋକାନ, ଜନଗହଳିପୂର୍ଣ୍ଣ ସ୍ଥାନରେ ରାଜନୈତିକ ଦଳର କର୍ମୀମାନେ ଆରମ୍ଭ କଲେଣି ଆରୋପ-ପ୍ରତ୍ୟାରୋପ। ଏପରିସ୍ଥିତିରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପା ପଥପ୍ରାନ୍ତ ସଭା କରି ଶାସକ ଦଳକୁ ଟାର୍ଗେଟ କରିଛି, ଯାହା ନିର୍ବାଚନୀ ମାହୋଲରେ ଉଷ୍ମତା ଭରିଛି।

ବିଜେଡି ଶାସନ ସମୟରେ ମହିଳାଙ୍କ ଉପରେ ନିର୍ଯାତନା, ଅତ୍ୟାଚାର ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନିଜ ହାତରେ ଗୃହ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରଖିଥିଲେ ମଧ୍ୟ ମହିଳାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ଶାସକ ଦଳର ମନ୍ତ୍ରୀମାନେ ପୀଡ଼ିତାଙ୍କୁ ତାଚ୍ଛଲ୍ୟ କରି ବୟାନବାଜି କରୁଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ହକ୍ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକ ଏବଂ ଚାଷୀଙ୍କୁ ଦମନ କରିବାକୁ ସରକାର ପଛାଇ ନାହାନ୍ତି। ଥାନାରେ ପଶି ପୋଲିସ ଅଧିକାରୀଙ୍କୁ ମାଡ଼ ମାରିବା ପଛରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଦୁର୍ନୀତିରେ ବୁଡ଼ି ରହିଥିବା ଶାସକ ଦଳକୁ ଆଗାମୀ ନିର୍ବାଚନରେ ସଚେତନ ନାଗରିକ ଦୃଢ଼ ଜବାବ ଦେବେ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି।

ସଭାରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ନରେଶ ଚନ୍ଦ୍ର ମହାପାତ୍ର, ନବକିଶୋର ଗୁରୁ, ନୀରଦ ସାହୁ, ପ୍ରଦ୍ୟୁମ୍ନ ରାଉତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

## ନାରୀ ସମ୍ମାନର ପାତ୍ରୀ



**ଓଡ଼ାପଡ଼ା, ୧୨।୩(ଡି.ଏନ.ଏ.)**

ସୁସ୍ଥ ଓ ଆଦର୍ଶ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାରୀ ସମ୍ମାନର ପାତ୍ରୀ। ସବୁ ବର୍ଗ ନାରୀକୁ ସମ୍ମାନ ଦେବା ଲାଗି ଆଗେଇ ଆସିବା ଉଚିତ। ଏହା ଦ୍ୱାରା ସେମାନଙ୍କ ମନୋବଳ ବୃଦ୍ଧି ପାଇବ। ଏଭଳି ବକ୍ତବ୍ୟ ଶୁଣିବାକୁ ମିଳିଥିଲା ଜିଏମ୍ଆର କମଳାଙ୍ଗ କାରଖାନା ପରିସରରେ। ଅବସର ଥିଲା ଅନ୍ତର୍ଜାତୀୟ ମହିଳା ଦିବସ। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କମ୍ପାନୀ ସିଓଓ ରମେଶ ଆର. ପାଇ, ମାନବ ସମ୍ବଳ ବିଭାଗ ସେକ୍ଟର ମୁଖ୍ୟ ମୋହନ ଏସ୍. ଯୋଗଦେଇ ଏପରି ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ସମ୍ମାନିତ କରିଥିଲେ। ଏଥିସହ କାର୍ଯ୍ୟରତ ମହିଳାମାନେ ଏକାଠି ହୋଇ କେକ୍ କାଟିଥିଲେ। ଜିଏମ୍ଆର ଭରଲକ୍ଷ୍ମୀ ଫାଉଣ୍ଡେଶନ ପକ୍ଷରୁ ଜଣାଅଜଣା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିକେଇଏଲ୍ ପ୍ରଗତି ଲେଡିଜ୍ କ୍ଲବ ସଭ୍ୟା, ଶିଶୁ ମନ୍ଦିର ଶିକ୍ଷୟିତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ଲେଡିଜ୍ କ୍ଲବ ସଭାନେତ୍ରୀ ସନ୍ଧ୍ୟା ପାଇ ପୁରସ୍କୃତ କରିଥିଲେ।

## ପ୍ରତାରକ ପ୍ରେମିକ ଗିରଫ

**ଛେଣ୍ଡିପଦା,୧୨।୩(ସ୍ୱ.ପ୍ର)**

ପ୍ରେମିକାଙ୍କୁ ପ୍ରତାରଣା ଅଭିଯୋଗରେ ଜରପଡ଼ା ପୋଲିସ ବନ୍ତଲା ଥାନା କରତପଟା ଗ୍ରାମର ପ୍ରଦ୍ୟୁମ୍ନ ବେହେରା (୨୪)ଙ୍କୁ ଗିରଫ କରିଛି। ପୋଲିସ କହିଛି, ପ୍ରଦ୍ୟୁମ୍ନ ଜରପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବର୍ଷେ ହେବ ପ୍ରେମ କରିବା ସହିତ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ପ୍ରଦ୍ୟୁମ୍ନଙ୍କୁ ବିବାହ କରିବା ପାଇଁ ଜିଦ୍ କରିବାରୁ ସେ ମନା କରିଦେଇଥିଲେ। ଏ ନେଇ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୮/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିନ୍ଧ୍ୟବାସିନୀ ବିଶ୍ୱାଳ ସୂଚନା ଦେଇଛନ୍ତି।

### ■ମାଡ଼ିଲାନି କେନାଲ ପାଣି, ରବିଚାଷ ପ୍ରଭାବିତ

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

**କାମାକ୍ଷାନଗର, ୧୨।୩(ଡି.ଏନ.ଏ)**



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଚାଷୀମାନେ।

ଦଣ୍ଡାଧାର ଜଳସେଚନ ପ୍ରକଳ୍ପରୁ ପାଣି ନ ଛଡ଼ାଯିବାରୁ ରବିଚାଷ ପ୍ରଭାବିତ ହୋଇଥିବା ଅଭିଯୋଗ କରିଛନ୍ତି କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତର ଚାଷୀ। ଏହାର ପ୍ରତିବାଦରେ ସେମାନେ ମଙ୍ଗଳବାର କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

ପଞ୍ଚାୟତ ଅଧୀନ ଉରବେଙ୍ଗୀ ଗ୍ରାମ ନିକଟବର୍ତ୍ତୀ ଗୋଠପଶି, ପିଢ଼ପଶି, ନୂଆପଶି, ଟାସିରପଶି, କଇଁଆନାଳି ଅଞ୍ଚଳର ହଜାର ହଜାର ଚାଷୀ ରାମିଆଳ କେନାଲ ଉପରେ ନିର୍ଭର କରୁଛନ୍ତି। କେନାଲ ପାଣିକୁ ଆଶା କରି ସେମାନେ ରବି ଧାନ ଚାଷ କରିଥିଲେ। ହେଲେ ଠିକ୍ ସମୟରେ ଡ୍ୟାମ କର୍ତ୍ତୃପକ୍ଷ ପାଣି ନ ଛାଡ଼ିବାରୁ ଚାଷ ଉଜୁଡ଼ିଯାଇଛି। ନିମ୍ନମାନର କେନାଲ କାର୍ଯ୍ୟଲାଗି ଏପରି ହୋଇଛି। ଏହାଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ରବିନାରାୟଣ କବି, ବୋଧିମନ୍ତ ସିଂ, ତ୍ରିଲୋଚନ ସିଂ, ସୁବଳ ସିଂ, ଗତିକୃଷ୍ଣ ସିଂ, ଲକ୍ଷ୍ମଣ ମାହନ୍ତ, ଭୀମସେନ ସିଂ, ରମେଶ ସିଂ, ଦୁଃଖବନ୍ଧୁ ସିଂ ପ୍ରମୁଖ ଅଭିଯୋଗ କରିଛନ୍ତି।

ସୂଚନାପାଇ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପହଞ୍ଚି ଧାରଣାରେ ବସିଥିବା ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର କେନାଲ ପାଣି ଜମିକୁ ମାଡ଼ିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ■ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର



**ପରଜଙ୍ଗ, ୧୨।୩(ଡି.ଏନ.ଏ.)**

ପରଜଙ୍ଗ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ଯାଉପୋଲିଆ ନିକଟରେ ଥିବା ଏକ ମହୁଲ ଗଛରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ସୁକିନ୍ଦା ଥାନା ବାହାବଳପୁର ଗ୍ରାମର ଖଗେଶ୍ୱର ରାଉତ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଭାଇ ବୈରାଗୀ ରାଉତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପରିବାର ଲୋକଙ୍କ କହିବା କଥା, ଖଗେଶ୍ୱର ଜଣେ ଫର୍ନିଚର କାରିଗର। ସେ ୫ ବର୍ଷ ହେଲା ଅନୁଗୋଳ ଜିଲା କୁମୁରୁସିଙ୍ଗା ଅଞ୍ଚଳରେ ରହି କାମ କରୁଥିଲେ। ସେ ୨ମାସ ହେଲା ଘରକୁ ଯାଇ ନ ଥିଲେ। ମଙ୍ଗଳବାର କେତେଜଣ ଲୋକ ମହୁଲ ଫୁଲ ଗୋଟାଇବାକୁ ଯାଇଥିବାବେଳେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରୁ ଏକ ସ୍କୁଟି (ଓଡି ୧୯ ଏମ୍ ୮୮୪୮) ମଧ୍ୟ ଜବତ କରାଯାଇଛି। ସୂଚନାପାଇ ପରଜଙ୍ଗ ଥାନା ଏସ୍ଆଇ ସମରଜିତ ନାୟକ, ସରୋଜ କୁମାର ସେଠୀ, ଏଏସଆଇ ଗୋପବନ୍ଧୁ ବେହେରା ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ଏ ନେଇ ବୈରାଗୀ କୁହନ୍ତି, ତାଙ୍କ ଭାଇ ଆତ୍ମହତ୍ୟା କରିନାହାନ୍ତି। କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଅପଚେଷ୍ଟା କରିଛି। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଗଛରୁ ଖଗେଶ୍ୱରଙ୍କ ମୃତଦେହ ଉଦ୍ଧାର କରାଯାଇଛି, ତାହା ଅଧିକ ଉଚ୍ଚ। ଜଣେ ଆତ୍ମହତ୍ୟା କରିବାକୁ କାହିଁକି ଏତେ ଉଚ୍ଚତାକୁ ଚଢ଼ିବ। ଏତେଦୂର ଆସି ଭାଇ କାହିଁକି ଆତ୍ମହତ୍ୟା କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ